ଧରିତ୍ରୀ
DHARITRI

08.11.2021

# ୯୨ ୟୁନିଟ୍ ରକ୍ତ ସଂଗ୍ରହ

**ଜଟଣୀ,୭।୧୧(ଡି.ଏନ୍.ଏ.):** ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି ଗୋଷ୍ଠୀ ସଭାଗୃହରେ ଆୟୋଜିତ ଏହି ଶିବିରକୁ ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର ଉଦ୍‌ଘାଟନ କରିଥିଲେ। କରୋନା ମହାମାରୀ ସମୟରେ ଉକ୍ତ ଶିବିର ଆୟୋଜନ କରିଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମାଜିକ ମୂଲ୍ୟବୋଧ ଜାଗ୍ରତ ହେବ ବୋଲି କହିଥିଲେ। ଶିବିରରେ ମୋଟ ୯୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏନ୍ଏସ୍ଏସ୍ ସଂଯୋଜକ ଡ.ଶଶାଧର କଣ୍ଡୋରାଙ୍ଗୁ, ଇଏଏ ସଂଯୋଜକ ଡ.ଶ୍ରୀକାନ୍ତ ଗୋଲାପଡି, ମେଡିକାଲ ଅଧିକାରୀ ଡ.ଅସୀମା ସରଖେଲ, ଡ.ବଙ୍କିମ ଚନ୍ଦ୍ର ମଣ୍ଡଳ ଉପସ୍ଥିତ ଥିଲେ।